بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୧୩ ସେପ୍ଟେମ୍ବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ଖନ୍ଦକ୍ ଯୁଦ୍ଧ ପରିପ୍ରେକ୍ଷୀରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀର (ସଂକ୍ଷିପ୍ତ) ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅହ୍‌ଜାବ୍ ଯୁଦ୍ଧ ପ୍ରସଙ୍ଗରେ ଗତ ଖୁତ୍‌ବାରେ ମୁଁ କିଛି ଘଟଣା ଚର୍ଚ୍ଚା କରିଥିଲି ଯେ, କିପରି ଖୈବର୍ ଅଞ୍ଚଳରେ ବାସ କରୁଥିବା ୟହୁଦିମାନେ ପ୍ରତିଜ୍ଞା ଭଙ୍ଗ ଓ ମୁସଲମାନମାନଙ୍କ ପ୍ରତି ସେମାନଙ୍କ ଭୀଷଣ ବିଦ୍ୱେଷ ତଥା ଘୃଣା ଭାବ ଯୋଗୁଁ ଅମାନ୍ୟକାରୀଙ୍କର ଏକ ବିଶାଳ ସେନା ବାହିନୀ ମୁସଲମାନମାନଙ୍କର ମୂଳୋତ୍ପାଟନ କରିବା ନିମନ୍ତେ ପ୍ରସ୍ତୁତ ହୋଇଯାଇଥିଲା । ଏହାର ଅଧିକ ବ୍ୟାଖ୍ୟା ଇତିହାସ ପୃଷ୍ଠାରେ ଏପରି ଉଲ୍ଲେଖ ରହିଛି ଯେ, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଶତ୍ରୁର ଗତିବିଧି ସଂକ୍ରାନ୍ତରେ ଖବର ଆଣିବା ନିମନ୍ତେ ହଜରତ ସୁଲେତ୍ ଓ ସୁଫୟାନ୍ ବିନ୍ ଅଓ୍ୱଫ୍ ଅସ୍‌ଲମି [ର.ଅ]ଙ୍କୁ ପ୍ରେରଣ କଲେ । ଏହି ଦୁଇଜଣ ସାହାବି ହୁଜୁର [ସ.ଅ]ଙ୍କ ଆଦେଶ ପାଳନ କରି ବାହାରିଗଲେ କିନ୍ତୁ ଦୁର୍ଭାଗ୍ୟବଶତଃ ଶତ୍ରୁର ନଜର ଏମାନଙ୍କ ଉପରେ ପଡ଼ିଗଲା ଏବଂ ସେହି ଦୁଇ ଗୁପ୍ତଚର ଶତ୍ରୁ ସହିତ ସଂଘର୍ଷ କରି ଶହିଦ୍ ହୋଇଗଲେ । ଯେତେବେଳେ ଖନ୍ଦକ୍ (ଗର୍ତ୍ତ) ଖନନ କରିବା ସ୍ଥିର ହୋଇଗଲା ସେତେବେଳେ ହୁଜୁର[ସ.ଅ] ନିଜ ଅଶ୍ୱ ଉପରେ ଆରୋହଣ କଲେ ଏବଂ ଆପଣ [ସ.ଅ]ଙ୍କ ସାଥିରେ ଅନେକ ପ୍ରବାସକାରୀ ଓ ଅନସାର୍ ସାହାବା ମଧ୍ୟ ବାହାରିଗଲେ । ଆପଣ[ସ.ଅ] ସେନାର ଅବସ୍ଥାନ ନିମନ୍ତେ ଉପଯୁକ୍ତ ସ୍ଥାନ ଅନ୍ୱେଷଣ କଲେ । ମୁସଲମାନମାନେ ବନୁ କୁରେଯାଃ ଠାରୁ ଗର୍ତ୍ତ ଖନନ କରିବାର ଅନେକ ସରଞ୍ଜାମ ଯେପରିକି କୋଦାଳ, ଫାଉଡ଼ା, କୁରାଢ଼ି ଓ ବେଲ୍‌ଚା ଆଦି କିଛି ଦିନ ପାଇଁ ଉଧାର (ମାଗି) ଆଣିଲେ । ହଜରତ ମୁହମ୍ମଦ[ସ.ଅ] ସାହାବାମାନଙ୍କର ଛୋଟ ଛୋଟ ଦଳ ଗଠନ କରି କିଛି କିଛି ଭୂଖଣ୍ଡ ଖନନ କରିବାର ଦାୟିତ୍ୱ ପ୍ରଦାନ କଲେ । ସେହି କାର୍ଯ୍ୟରେ ହୁଜୁର[ସ.ଅ] ସ୍ୱୟଂ ମଧ୍ୟ ଭାଗ ନେଲେ ଏବଂ ମାଟି ନିଜ ପିଠିରେ ଏପରି ବୋହିଥିଲେ ଯେ, ଆପଣ [ସ.ଅ]ଙ୍କ ପବିତ୍ର ପିଠି ଓ ପେଟ ଧୂଳିଧୂସର ହୋଇଗଲା । ଯେଉଁ ମୁସଲମାନମାନେ ନିଜ କାର୍ଯ୍ୟ (ଦାୟିତ୍ୱ) ସମ୍ପନ୍ନ କରି ନେଉଥିଲେ ସେମାନେ ଅନ୍ୟମାନଙ୍କ ସାହାଯ୍ୟ ନିମନ୍ତେ ତାଙ୍କ ନିକଟରେ ପହଞ୍ଚି ଯାଉଥିଲେ । ଏପରିକି ଗର୍ତ୍ତ ଖନନ ସମ୍ପନ୍ନ ହୋଇଗଲା ଏବଂ ଏହି କାର୍ଯ୍ୟରୁ କୌଣସି ଜଣେ ହେଲେ ମୁସଲମାନ ପଛରେ (ବିରତ) ରହିଯାଇ ନଥିଲେ । **ହଜରତ ଅବୁବକର[ର.ଅ] ଓ ହଜରତ ଉମର [ର.ଅ]ଙ୍କୁ ଯେତେବେଳେ ମାଟି ଉଠାଇବା ନିମନ୍ତେ ଟୋକେଇ ମିଳିଲା ନାହିଁ ସେତେବେଳେ ସେମାନେ ନିଜ ବସ୍ତ୍ରରେ ମାଟି ବୋହି ନେଲେ ।**

ହଜରତ ମିର୍ଜା ବଶିର ଅହେମଦ ସାହେବ ଏହି ପରିପ୍ରେକ୍ଷୀରେ ବର୍ଣ୍ଣନା କରି କୁହନ୍ତି; ଏପରି ବିଶାଳ ସେନା ବାହିନୀର ଚଳପ୍ରଚଳକୁ ଗୁପ୍ତ ରଖିବା ଅମାନ୍ୟକାରୀଙ୍କ ପକ୍ଷେ କଷ୍ଟକର ବିଷୟ ଥିଲା । ଅପରପକ୍ଷେ ହୁଜୁର [ସ.ଅ]ଙ୍କ ଗୁଇନ୍ଦା ବ୍ୟବସ୍ଥା ଅତ୍ୟନ୍ତ ବଳିଷ୍ଠ ଥିଲା । ଏବେ କୁରୈଶର ସେନା ମକ୍କାରୁ ପ୍ରସ୍ଥାନ ହିଁ କରି ନଥିଲା ଯେ, ଆପଣ [ସ.ଅ]ଙ୍କୁ ତାଙ୍କର ଖବର ମିଳିଗଲା । ଫଳତଃ ଆପଣ ସାହାବାମାନଙ୍କ ସହିତ ପରାମର୍ଶ କଲେ । ଉକ୍ତ ପରାମର୍ଶ

ବୈଠକରେ ପାରସ୍ୟର ଜଣେ ନିଷ୍ଠାପର ସାହାବି ହଜରତ ସଲମାନ୍ ଫାର୍‌ସୀ ମଧ୍ୟ ଉପସ୍ଥିତ ଥିଲେ, ଯେ ଅଣ ଆରବୀୟ ଶୈଳୀରେ ଯୁଦ୍ଧ କରିବା ପ୍ରକ୍ରିୟା ସମ୍ପର୍କରେ ଅବଗତ ଥିଲେ । ସେ ନିଜର ମତ ପ୍ରକାଶ କଲେ ଯେ, ଯଦି ମଦିନାର ଅସୁରକ୍ଷିତ ଭାଗରେ ଏକ ପ୍ରଶସ୍ତ ଓ ଗଭୀର ଗର୍ତ୍ତ ଖନନ କରି ଦିଆଯାଏ ତେବେ ଆମେମାନେ ନିଜକୁ ସୁରକ୍ଷିତ ରଖି ପାରିବା । ହଜରତ ମୁହମ୍ମଦ[ସ.ଅ] ତାଙ୍କର ଏହି ମନ୍ତବ୍ୟକୁ ମଞ୍ଜୁର କରିନେଲେ । ଯଦିଚ ମଦିନା ସହର ତିନି ପାର୍ଶ୍ୱରୁ ସୁରକ୍ଷିତ ଥିଲା, ତଥାପି କେବଳ ସିରିୟା ଦେଶ ପାର୍ଶ୍ୱଟି ଏପରି ରହିଥିଲା, ଯେଉଁ ପାର୍ଶ୍ୱରୁ ଶତ୍ରୁ ଆକ୍ରମଣ କରିବା ସମ୍ଭବ ଥିଲା । ସୁତରାଂ ହୁଜୁର[ସ.ଅ] ଉକ୍ତ ପାର୍ଶ୍ୱରେ ଖନ୍ଦକ୍ ଖନନ କରିବାର ନିର୍ଦ୍ଦେଶ ଦେଲେ ଏବଂ ନିଜ ତତ୍ତ୍ୱାବଧାନରେ ଉକ୍ତ ସ୍ଥାନରେ ପହଞ୍ଚି ଦଶ ଦଶ ହାତ ଅର୍ଥାତ ପନ୍ଦର ପନ୍ଦର ଫୁଟ୍ ବ୍ୟବଧାନ ଭୂମିରେ ଚିହ୍ନ ଲଗାଇ ସାହାବାଙ୍କ ଦଳକୁ ତାହାର ଖନନ ଦାୟିତ୍ୱ ଦେଲେ । ସାହାବାଙ୍କ ପ୍ରତି ଦଳରେ ଦଶ ଦଶ ଜଣ ଲେଖାଏଁ ବ୍ୟକ୍ତି ରହିଥିଲେ । ଉକ୍ତ ଦଳ ବିଭାଜନ ସମୟରେ ଏହି ସୁନ୍ଦର ମତଭେଦ ମଧ୍ୟ ଉପୁଜି ଥିଲା ଯେ, ସଲମାନ୍ ଫାରସୀ କେଉଁ ଦଳରେ ସାମିଲ ହେବେ, ତାଙ୍କୁ ପ୍ରବାସକାରୀ ନା ଅନସାର୍ ବୁଝାଯିବ । ଯଦିଚ ଇସଲାମ୍‌ର ମଦିନା ଆଗମନ ପୂର୍ବରୁ ହିଁ ସେ ମଦିନାରେ ବସତି ସ୍ଥାପନ କରି ସାରିଥିଲେ । ତେବେ ଶେଷରେ ଏହି ପ୍ରସଙ୍ଗ ନବୀଶ୍ରେଷ୍ଠଙ୍କ ସମ୍ମୁଖରେ ଉପସ୍ଥାପିତ ହେଲା ଏବଂ ହୁଜୁର ସ୍ମିତହାସ୍ୟ ପ୍ରକାଶ କରି କହିଲେ; ସଲମାନ୍ ତୁମ ଉଭୟ ଦଳ ମଧ୍ୟରୁ କୌଣସି ଦଳର ନୁହନ୍ତି ବରଂ ସଲମାନ୍ ମିନ୍ନା ଅହ୍‌ଲଲ୍ ବୈତ୍ ଅର୍ଥାତ ସେ ମୋ ପରିବାର ମଧ୍ୟରେ ଅନ୍ତର୍ଭୁକ୍ତ । **ସେହି ସମୟରୁ ସଲମାନ୍‌ଙ୍କୁ ଏହି ମର୍ଯ୍ୟାଦା ଓ ଗୌରବ ଲାଭ ହୋଇଗଲା କି ସେ ନବୀଶିରୋମଣୀଙ୍କ ଘରଲୋକ ମଣାଗଲେ ।**

ଖନ୍ଦକ୍ ଖୋଳିବା (ପ୍ରସ୍ତାବ ସର୍ବସମ୍ମତ କ୍ରମେ) ସ୍ଥିର ହେବା ପରେ ସାହାବାମାନଙ୍କର ଦଳ ଶ୍ରମିକମାନଙ୍କ ପୋଷାକ ପରିଧାନ କରି ନିଜ ନିଜ କର୍ମକ୍ଷେତ୍ରରେ ଓହ୍ଲାଇ ପଡ଼ିଲେ । ଖନନ କାର୍ଯ୍ୟ ଆଦୌଁ ସହଜ ସାଧ୍ୟ ନଥିଲା, ପୁଣି ତାହା ଶୀତ ଋତୁର ସମୟ ଥିଲା ଯଦ୍ୱାରା ସାହାବାମାନଙ୍କୁ ସେତେବେଳେ ଭୀଷଣ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । କାରଣ ଖନନ କାର୍ଯ୍ୟ ଯୋଗୁଁ ଦିନ ମଜୁରିଆ ଓ ବ୍ୟବସାୟ କରୁଥିବା ସାହାବାଗଣ ହସ୍ତଶୂନ୍ୟ ହୋଇ ଯାଇଥିଲେ । ଫଳତଃ ସେମାନଙ୍କୁ ଭୋକ ଉପାସର ଅସହ୍ୟ କଷ୍ଟ ବରଦାସ୍ତ କରିବାକୁ ପଡ଼ିଥିଲା । ସେମାନଙ୍କ ନିକଟରେ ଚାକର କି କ୍ରୀତଦାସ ନଥିଲେ, ତେଣୁ ସେ ସମସ୍ତଙ୍କୁ ସ୍ୱହସ୍ତରେ ଏହି ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିଥିଲା । ହଜରତ ମୁହମ୍ମଦ[ସ.ଅ] ମଧ୍ୟ ନିଜର ଅଧିକାଂଶ ସମୟ ଖନ୍ଦକ୍ ନିକଟରେ ଅତିବାହିତ କରୁଥିଲେ ଏବଂ ଅନେକ ସମୟରେ ସ୍ୱୟଂ ସାହାବାଙ୍କ ସହିତ ମିଳିତ ଭାବରେ ଗର୍ତ୍ତ ଖନନ କରିବା ଓ ମାଟି ଉଠାଉ ଥିଲେ । ସାହାବାମାନଙ୍କ ଆତ୍ମବିଶ୍ୱାସକୁ ବଳବତ୍ତର ଓ ସକ୍ରିୟ ରଖିବା ନିମନ୍ତେ ଆପଣ[ସ.ଅ] କେତେକ ସମୟରେ କବିତା ପାଠ କରୁଥିଲେ ଏବଂ ସାହାବାମାନେ ମଧ୍ୟ ତାହାର ଉତ୍ତର କବିତା ଆକାରରେ ଦେଉଥିଲେ । ଖନ୍ଦକ୍ ଖୋଳିବାରେ ହୁଜୁର [ସ.ଅ]ଙ୍କର ଉପସ୍ଥିତି ଓ ଆପଣ [ସ.ଅ]ଙ୍କ ଦୁଆର ଆଶିଷ ଫଳରେ ସାହାବା ନିଜ ଦୁଃଖ ଏବଂ ପରିଶ୍ରମର ଯନ୍ତ୍ରଣାକୁ ପାସୋରି ଯାଉଥିଲେ । ଯେଉଁସ୍ଥଳେ ଗୋଟିଏ ପାର୍ଶ୍ୱରେ ସୁନ୍ଦର କବିତା ପାଠ କରାଯାଉଥିଲା ସେହିସ୍ଥଳେ ସାହାବାମାନେ ପରସ୍ପର ସହିତ କିଛି ଥଟା ପରିହାସ ମଧ୍ୟ କରି ଦେଉଥିଲେ । ସାହାବାଙ୍କର ଦିବାରାତ୍ରର ଅକ୍ଳାନ୍ତ ଓ ନିରନ୍ତର ପରିଶ୍ରମ ତଥା ହୁଜୁର [ସ.ଅ]ଙ୍କ ଦୁଆ ଫଳରେ ଖନ୍ଦକ୍ କାର୍ଯ୍ୟ ସମ୍ପନ୍ନ ହୋଇଗଲା । ଏହାର ସମ୍ପନ୍ନ ହେବାର ଅବଧି ସମ୍ପର୍କରେ ଭିନ୍ନ ଭିନ୍ନ ବର୍ଣ୍ଣନା ଦରଜ ରହିଛି । କିନ୍ତୁ ପନ୍ଦର ଦିନ ଓ ଏକ ମାସରେ (ଖନ୍ଦକ୍ ଖନନ) ସମ୍ପନ୍ନ ହେବା ବର୍ଣ୍ଣନାରେ ଅଧିକାଂଶ (ଇତିହାସବିତ୍) ଏକମତ । ଖନ୍ଦକ୍‌ର ଦୈର୍ଘ୍ୟ ପାଖାପାଖି ୬ହଜାର ଗଜ ଅଥବା ସାଢ଼େ ତିନି ମାଇଲ୍ ଥିଲା ଏବଂ ତାହାର ପ୍ରସ୍ଥ ୧୩/୧୪ ଫୁଟ୍ ଥିବା ସ୍ଥଳେ ଗଭୀର ୧୦/୧୧ ଫୁଟ୍ ଥିଲା । ଉକ୍ତ ଖନ୍ଦକ୍ ଦୀର୍ଘକାଳ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଥିଲା । ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ସହଧର୍ମିଣୀମାନେ ମଧ୍ୟ ଭୟର ଏହି ଉତ୍କଟ ପରିସ୍ଥିତିରେ ପୁରୁଷମାନଙ୍କ ପରି ନବୀଶ୍ରେଷ୍ଠଙ୍କ ସହାୟତାରେ ଦଣ୍ଡାୟମାନ ଥିଲେ । କଦାଚିତ

ହଜରତ ଆଏଶା[ର.ଅ] ତ ଆଉ କେତେବେଳେ ହଜରତ ଉମ୍ମେ ସଲ୍‌ମା[ର.ଅ] ଅଥବା ହଜରତ ଜୈନବ୍‌[ର.ଅ] ହୁଜୁର [ସ.ଅ]ଙ୍କ ସାଥିରେ ରହିଥିଲେ ।

ଖନନ ସମୟରେ ଏକ ଚଟାଣ ଭଙ୍ଗ ନହେବା ଘଟଣା ମଧ୍ୟ ବର୍ଣ୍ଣିତ ରହିଛି । ଗୋଟିଏ ବର୍ଣ୍ଣନାନୁଯାୟୀ ହୁଜୁର[ସ.ଅ] କିଛି ଜଳ ମଗାଇଲେ ଏବଂ ସେଥିରେ ନିଜ ଲାଳ ପକାଇ ନିଜ ପାଳନକର୍ତ୍ତା ଛାମୁରେ ଦୁଆ କଲେ । **ସେଥିଅନ୍ତେ ସେହି ଜଳକୁ ଉକ୍ତ ପଥୁରିଆ ଚଟାଣ ଉପରେ ଛାଣ୍ଟି ଦେଲେ, ଯଦ୍ଦ୍ୱାରା ଚଟାଣଟି ବାଲି ପରି ନରମ ହୋଇଗଲା ।** ଆଉ ଏକ ବର୍ଣ୍ଣନା ରହିଛି ଯେ, ହଜରତ ସଲମାନ୍ ଫାରସୀଙ୍କ ଦ୍ୱାରା ଏକ ଚଟାଣ ଭାଙ୍ଗୁ ନଥିଲା, ତେଣୁ ହଜରତ ମୁହମ୍ମଦ[ସ.ଅ] ତାଙ୍କ ଠାରୁ କୋଦାଳ ନେଇ ଉକ୍ତ ପଥୁରିଆ ଚଟାଣ ଉପରେ ପ୍ରହାର କଲେ ଏବଂ ମହାଭାଗଙ୍କୁ ତିନିଗୋଟି ସୁସମାଚାର ପ୍ରଦାନ କରାଗଲା । ହଜରତ ମିର୍ଜା ବଶିର ଅହେମଦ ସାହେବ ଏହି ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି ଯେ, ପ୍ରବଳ ଅଭାବ ଓ ଅନଟନର ଏହି କରାଳ ଅବସ୍ଥାରେ ଖନ୍ଦକ୍ ଖୋଳୁଖୋଳୁ ଗୋଟିଏ ସ୍ଥାନରେ ଏକ ଶକ୍ତ ଚଟାଣ ପଡ଼ିଲା ଯାହାକି କୌଣସି ମତେ ଭାଙ୍ଗୁ ନଥିଲା । ଶେଷରେ ହୁଜୁର [ସ.ଅ]ଙ୍କୁ ଏଥିସଂକ୍ରାନ୍ତରେ ସୂଚିତ କରାଗଲା, ଏହା ଶୁଣିବା ମାତ୍ରେ ହୁଜୁର ଉକ୍ତ ସ୍ଥାନରେ ପହଞ୍ଚିଲେ ଏବଂ ଗୋଟିଏ କୋଦାଳ ଅଲ୍ଲାଃଙ୍କ ନାମ ନେଇ ଉକ୍ତ ଚଟାଣ ଉପରେ ପ୍ରହାର କଲେ । ଏତଦ୍ ଦ୍ୱାରା ଉକ୍ତ ପଥରରୁ ନିଆଁ ଉଦଗମ୍ ହେଲା ଏଥିରେ ହୁଜୁର[ସ.ଅ] ଉଚ୍ଚ ସ୍ୱରରେ *ଅଲ୍ଲାହୁଅକବର୍* ଉଚ୍ଚାରଣ କଲେ ଏବଂ କହିଲେ; ମୋତେ ସିରିୟା ଦେଶର ଚାବିକାଠି ପ୍ରଦାନ କରାଗଲା ଏବଂ ପ୍ରଭୁଙ୍କ ରାଣ ! ଏବେ ମୋ ଚକ୍ଷୁ ସମ୍ମୁଖରେ ସିରିୟା ଦେଶର ଲାଲବର୍ଣ୍ଣର ଅଟ୍ଟାଳିକାମାନ ଦୃଷ୍ଟିଗୋଚର ହେଉଛି । **ଉକ୍ତ ପ୍ରହାରରେ ସକ୍ତ ଚଟାଣଟି ସାମାନ୍ୟ ରୂପେ ଭାଙ୍ଗିଗଲା ।** ଦ୍ୱିତୀୟ ଥର ମଧ୍ୟ ହୁଜୁର[ସ.ଅ] ଉଚ୍ଚ ସ୍ୱରରେ ଅଲ୍ଲାଃଙ୍କ ନାମ ନେଇ ପ୍ରହାର କରିବାରୁ, ସେଥିରୁ ପୂର୍ବପରି ଆଉ ଏକ ଅଗ୍ନି ଉର୍ଦ୍ଧ୍ୱଗାମୀ ହେଲା । ଫଳରେ ହୁଜୁର[ସ.ଅ] ଉଚ୍ଚ ସ୍ୱରରେ *ଅଲ୍ଲାହୁଅକବର୍* ଉଚ୍ଚାରଣ କଲେ ଏବଂ କହିଲେ; ମୋତେ ପାରସ୍ୟର କଞ୍ଚି ପ୍ରଦାନ କରାଗଲା ଏବଂ ମଦାଇନ୍‌ର ଧବଳ ଅଟ୍ଟାଳିକାମାନ ଦୃଷ୍ଟିଗୋଚର ହେଉଛି । **ଦ୍ୱିତୀୟ ଥର ପ୍ରହାରରେ ମଧ୍ୟ ଉକ୍ତ ଚଟାଣଟି ଆଉ କିଞ୍ଚିତ ଭାଙ୍ଗିଗଲା ।** ତୃତୀୟ ଥର ପୁନଶ୍ଚ ଆପଣ[ସ.ଅ] କୋଦାଳରେ ପ୍ରହାର କଲେ ଫଳରେ ଆଉ ଏକ ଅଗ୍ନି ଉର୍ଦ୍ଧ୍ୱଗାମୀ ହେଲା ଏବଂ ହୁଜୁର[ସ.ଅ] ଉଚ୍ଚ ସ୍ୱରରେ *ଅଲ୍ଲାହୁଅକବର୍* ଉଚ୍ଚାରଣ କଲେ ଏବଂ କହିଲେ; ଏବେ ମୋତେ ୟମନ୍‌ର ଚାବି ପ୍ରଦାନ କରାଗଲା । ପ୍ରଭୁଙ୍କ ରାଣ ! ସନାର ଦ୍ୱାର ଏବେ ମୋତେ ଦେଖାଯାଉଛି । **ଏଥର ଉକ୍ତ ଶକ୍ତ ଚଟାଣଟି ଭାଙ୍ଗି ଚୁରମାର ହୋଇଗଲା ।** ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କର ପୂର୍ଣ୍ଣ ଚେତନା ଅବସ୍ଥାରେ ଦେଖିଥିବା ଏହି ଦୃଶ୍ୟ ଅଲୌକିକ ଥିଲା । ଯେପରିକି ସେହି ମହାଦୁର୍ଦ୍ଦଶା ସମୟରେ ଅଲ୍ଲାଃତାଲା ଆପଣଙ୍କୁ ମୁସଲମାନମାନଙ୍କୁ ଆସନ୍ତାରେ ମିଳିବାକୁ ଥିବା ବିଜୟ ଓ ସ୍ୱଚ୍ଛଳ ପୂର୍ଣ୍ଣ ଅବସ୍ଥାର ଦୃଶ୍ୟ ଦେଖାଇ ସାହାବାମାନଙ୍କୁ ଆଶା ଓ ଭରସାର ପ୍ରାଣ ସଂଚାର କରିଦେଲେ । ମଦିନାରେ ରହୁଥିବା ଅମାନ୍ୟକାରୀମାନେ ଏକଥା ଶୁଣି ମୁସଲମାନମାନଙ୍କ ସହିତ ପରିହାସ କଲେ ଯେ, **ଘରୁ ବାହାରକୁ ପାଦ କାଢ଼ିବାକୁ ସାମର୍ଥ୍ୟ ନାହିଁ । ଏପରି ହଟହଟା ସମୟରେ ଏମାନେ ରୋମ ଓ ପାରସ୍ୟ ଜୟ କରିବାର ସ୍ୱପ୍ନ ଦେଖୁଛନ୍ତି ।** କିନ୍ତୁ ପରାକ୍ରମୀ ପରମେଶ୍ୱରଙ୍କର ଏହି ପ୍ରତିଶୃତି ଯଥା ସମୟରେ ଅର୍ଥାତ କିଛି ହୁଜୁର [ସ.ଅ]ଙ୍କ ଅନ୍ତିମ ସମୟରେ ଓ ଅଧିକାଂଶ ଆପଣ [ସ.ଅ]ଙ୍କ ଖଲିଫା (ଉତ୍ତରାଧିକାରୀଙ୍କ) କାଳରେ ପୂରଣ ହୋଇ ମୁସଲମାନମାନଙ୍କ ବିଶ୍ୱାସକୁ ଅଭିବୃଦ୍ଧି କରିବାର କାରଣ ସାବ୍ୟସ୍ତ ହେଲା ।

ଖାଦ୍ୟ ପଦାର୍ଥ (ଅଭୂତ ପୂର୍ଣ୍ଣ ବୃଦ୍ଧି) ଘଟିବାର ଚମ୍‌କାର ଘଟଣା ସଂକ୍ରାନ୍ତରେ ହଜରତ ମିର୍ଜା ବଶିର ଅହେମଦ ସାହେବ ଗୋଟିଏ ଘଟଣା ଏପରି ବର୍ଣ୍ଣନା କରିଛନ୍ତି । ଉକ୍ତ ଅବସରରେ ଜଣେ ନିଷ୍ଠାପର ସାହାବି ହଜରତ ଜାବିର୍ ବିନ୍ ଅବ୍ଦୁଲ୍ଲାଃ ହୁଜୁର [ସ.ଅ]ଙ୍କ ପବିତ୍ର ମୁଖମଣ୍ଡଳରେ ଅସହ୍ୟ କ୍ଷୁଧା ଯୋଗୁଁ ଦୁର୍ବଳତା ଓ କ୍ଳାନ୍ତ (ଅବସ୍ଥା) ପରିଲକ୍ଷିତ କରି, ନିଜ ଘରକୁ ଯିବା ପାଇଁ ହୁଜୁର [ସ.ଅ]ଙ୍କ ଠାରୁ ଅନୁମତି ଲୋଡ଼ିଲେ । ଘରକୁ ଆସି ସେ ନିଜ ପତ୍ନୀଙ୍କୁ କହିଲେ;

କ'ଣ ତୁମ ନିକଟରେ କିଛି ଖାଦ୍ୟ ପଦାର୍ଥ ଅଛି ? ସେ ଉତ୍ତର ଦେଲେ, ହଁ କିଛି ଯଅ'ର ଅଟା ଓ ଗୋଟିଏ ଛେଳି ଅଛି । ସାହାବି ଜଣକ ଛେଳିଟିକୁ ଜେବାଃ କଲେ ଏବଂ ଅଟା ଚକଟି ନିଜ ପତ୍ନୀକୁ କହିଲେ, ଖାଦ୍ୟ ପ୍ରସ୍ତୁତ କର ମୁଁ ଯାଇ ହୁଜୁର [ସ.ଅ]ଙ୍କୁ ଡ଼ାକି ଆଣୁଛି । ମହିଳା ଜଣକ ତାଙ୍କୁ କହିଲେ; ଦେଖ ମୋତେ ଲୋକ ଲଜ୍ଜିତ କରିବ ନାହିଁ । ଖାଦ୍ୟ ଖୁବ୍ କମ୍ ଅଛି ତେଣୁ ଦେଖିବ ହୁଜୁର [ସ.ଅ]ଙ୍କ ସହିତ ଯେପରି ଅଧିକ ଲୋକ ଚାଲି ନଆସନ୍ତି । ଅତଏବ ହଜରତ ଜାବିର୍ ଯାଇ ଧୀର ସ୍ୱରରେ ହୁଜୁର [ସ.ଅ]ଙ୍କୁ କହିଲେ; ହେ ଅଲ୍ଲାଃଙ୍କ ରସୁଲ ! ଆପଣ ନିଜର କିଛି ସାହାବାଙ୍କୁ ସାଥିରେ ଆମ ଘରକୁ ଖାଇବା ନିମନ୍ତେ ପ୍ରସ୍ଥାନ କରନ୍ତୁ । ଏଥିରେ ହୁଜୁର[ସ.ଅ] ପଚାରିଲେ ଖାଦ୍ୟ କେତେ ପରିମାଣରେ ଅଛି ? ମୁଁ ଉତ୍ତର ଦେଲି ଏତିକି ଏତିକି ମାତ୍ରାରେ । ପ୍ରତିଉତ୍ତରରେ ହୁଜୁର[ସ.ଅ] କହିଲେ; ଯଥେଷ୍ଟ ଅଛି । ତଦୁପରାନ୍ତେ ଆପଣ[ସ.ଅ] ଏଣେତେଣେ ଆଖି ବୁଲାଇ ଉଚ୍ଚ ସ୍ୱରରେ କହିଲେ; ହେ ଅନସାର୍ ଓ ପ୍ରବାସକାରୀ ଦଳ ! ଚାଲ ଆଜି ଜାବିର୍ ଆମମାନଙ୍କୁ ଭୋଜନ କରିବାର ନିମନ୍ତ୍ରଣ ଦେଇଛନ୍ତି । ଏହା ଶୁଣି ପାଖାପାଖି ଏକ ହଜାର ଭୀଷଣ କ୍ଷୁଧାଗ୍ରସ୍ତ ସାହାବା ଆପଣ [ସ.ଅ]ଙ୍କ ପଛ ଧରିଲେ । ହୁଜୁର[ସ.ଅ] ଜାବିର୍ [ର.ଅ]ଙ୍କୁ କହିଲେ, ତୁମେ ଶୀଘ୍ର ଯାଇ ନିଜ ପତ୍ନୀକୁ କୁହ କି ଯେପର୍ଯ୍ୟନ୍ତ ମୁଁ ପହଞ୍ଚି ନାହିଁ ଚୁଲ୍ଲୀ ଉପରୁ ହାଣ୍ଡି ଓହ୍ଲାଇବେ ନାହିଁ ଏବଂ ନା ରୁଟି ତିଆରି କରିବା ଆରମ୍ଭ କରିବେ । ବସ୍ତୁତଃ ସେ ଏହିପରି ହିଁ କଲେ, ତାଙ୍କ କଥା ଶୁଣି ସେହି ଅବଳା ମହିଳା ଜଣକ ଭୀଷଣ ରୂପେ ବ୍ୟତିବ୍ୟସ୍ତ ହୋଇ ଉଠିଲେ । କିନ୍ତୁ ହଜରତ ମୁହମ୍ମଦ[ସ.ଅ] ସେଠାରେ ପହଞ୍ଚି ତାଙ୍କୁ ସାନ୍ତ୍ୱନା ଦେଲେ ଏବଂ ତରକାରି ହାଣ୍ଡି ଓ ଅଟା ପାତ୍ରରେ ଦୁଆ କଲେ । ସେଥିଅନ୍ତେ କହିଲେ; ଏଥର ରୁଟି ପ୍ରସ୍ତୁତ କରିବା ଆରମ୍ଭ କର । ତତ୍ ପଶ୍ଚାତ ଆପଣ ରୁଟି ବାଣ୍ଟିବା ଆରମ୍ଭ କଲେ । ଜାବିର୍ ବର୍ଣ୍ଣନା କରନ୍ତି ଯେ, ମୁଁ ସେହି ପରମ ସତ୍ତାଙ୍କ ଶପଥ କରି କହୁଛି ! ଯାହାଙ୍କ ହାତ ମୁଠାରେ ମୋ ଜୀବନ ନାଟିକା ରହିଛି, **ସେହି (ସ୍ୱଳ୍ପ) ଖାଦ୍ୟକୁ ସମସ୍ତ ଲୋକମାନେ ତୃପ୍ତ ହୋଇ ଖାଇ ସାରିବା ପରେ ମଧ୍ୟ ଆମ ହାଣ୍ଡିରେ ଖାଦ୍ୟ ପଦାର୍ଥ ବଞ୍ଚି ରହିଥିଲା ତଥା ଅଟା ମଧ୍ୟ ବାକି ରହିଥିଲା ।**

ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅହ୍‌ଜାବ୍ ଯୁଦ୍ଧ ପ୍ରସଙ୍ଗରେ ବଳକା ଘଟଣାବଳୀ ଆସନ୍ତାରେ ବର୍ଣ୍ଣନା କରିବି । ଇନ୍ନଶାଅଲ୍ଲାଃ । ଆଜି ମଧ୍ୟ ମୁଁ ଦୁଆ କରିବା ପାଇଁ ଆହ୍ୱାନ ଜଣାଉଛି, ଏଥିପ୍ରତି ବିଶେଷ ଧ୍ୟାନ ଦେବେ । ଅଲ୍ଲାଃତାଲା ଆମ ବିଶ୍ୱାସକୁ ସୁଦୃଢ଼ କରନ୍ତୁ । ପ୍ରତ୍ୟେକ ସ୍ଥାନରେ, ପ୍ରତ୍ୟେକ ଦେଶରେ ଯେପରିକି ବାଙ୍ଗଲାଦେଶ, ପାକିସ୍ତାନ, ଅନ୍ୟାନ୍ୟ ସହର ଓ ରାଷ୍ଟ୍ରମାନଙ୍କରେ ବସବାସ କରୁଥିବା ଅହେମଦିମାନଙ୍କୁ ସୁରକ୍ଷିତ ରଖନ୍ତୁ । ସଂସାର ଯେପରି ଅଗ୍ନି କୁଣ୍ଡ ମଧ୍ୟରେ ପତିତ ରହିଛି ଏବଂ ଖୁବ୍ ତୀବ୍ର ବେଗରେ ସେହି ଅନଳ ଆଡ଼କୁ ଗତି କରୁଅଛି, ସେଥିରୁ ମଧ୍ୟ ଅଲ୍ଲାଃତାଲା ସେମାନଙ୍କୁ ଉଦ୍ଧାର କରନ୍ତୁ । ଅଲ୍ଲାଃତାଲା ଦୟାବତୀର୍ଣ୍ଣ କରନ୍ତୁ । ସେ ହିଁ ସକଳ ଶକ୍ତିର ଅଧିକାରୀ । ଏବେ ମଧ୍ୟ ଯଦି ଲୋକମାନେ ନିଜର ସୁଧାର ପ୍ରତି ମନୋଯୋଗ କରନ୍ତି ତେବେ ସୁଦ୍ଧା ସେହି ମହା ବିପତ୍ତିରୁ ରକ୍ଷା ପାଇଯିବେ । ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।